This Booklet contains **20** printed pages.
इस पुस्तिका में **20** मुद्रित पृष्ठ हैं।

# AK14II

**Test Booklet No.** 
**परीक्षा पुस्तिका संख्या**

## PAPER—II / प्रश्न-पत्र—II

## ODIA LANGUAGE SUPPLEMENT / उड़िया भाषा परिशिष्ट

### PART—IV & V / भाग—IV & V

**Test Booklet Code**
**परीक्षा पुस्तिका संकेत**

**N**

Do not open this Test Booklet until you are asked to do so.
इस परीक्षा पुस्तिका को तब तक न खोलें जब तक कहा न जाए।
Read carefully the Instructions on the Back Cover (Pages 19 & 20) of this Test Booklet.
इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए गए निर्देशों को ध्यान से पढ़ें।
**For Instructions in Odia see Page 2 of this Booklet.**
**उड़िआ में निर्देशों के लिए इस पुस्तिका का पृष्ठ 2 देखें।**

### *Instructions for Candidates :*

1. This booklet is a supplement to the Main Test Booklet for those candidates who wish to answer **EITHER** Part—IV (Language—I) **OR** Part—V (Language—II) in **ODIA** language, but **NOT BOTH**.
2. Candidates are required to answer Part—I, and Part—II OR III from the Main Test Booklet and Parts—IV and V from the languages chosen by them.
3. Questions on English and Hindi languages for Part—IV and Part—V have been given in the Main Test Booklet. Language Supplements can be asked for separately.
4. Use **Blue/Black Ballpoint Pen only** for writing particulars on this page/marking responses in the Answer Sheet.
5. The CODE for this Language Booklet is **N**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **Two** Parts—IV and V, consisting of **60** Objective-type Questions and each carrying 1 mark :

   Part-IV : Language-I (Odia) (Q. Nos. 91-120)
   Part-V : Language-II (Odia) (Q. Nos. 121-150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia Language have been given. **In case the language(s) you have opted for as Language-I and/or Language-II is a language other than Odia, please ask for a Test Booklet that contains questions on that Language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

### *परीक्षार्थियों के लिए निर्देश :*

1. यह पुस्तिका मुख्य परीक्षा पुस्तिका की एक परिशिष्ट है उन परीक्षार्थियों के लिए जो या तो भाग—IV (भाषा—I) या भाग—V (भाषा—II) का उत्तर उड़िया भाषा में देना चाहते हैं, लेकिन दोनों नहीं।
2. परीक्षार्थी भाग—I, एवं भाग—II या III के उत्तर मुख्य परीक्षा पुस्तिका से दें और भाग—IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग—IV व भाग—V के अंतर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर-पत्र पर निशान लगाने के लिए केवल नीले/काले बॉलपॉइंट पेन का प्रयोग करें।
5. इस भाषा पुस्तिका का संकेत **N** है। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर-पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में दो भाग—IV और V हैं, जिनमें **60** वस्तुनिष्ठ प्रश्न हैं तथा प्रत्येक 1 अंक का है :

   भाग-IV : भाषा-I (उड़िआ) (प्रश्न सं॰ 91-120)
   भाग-V : भाषा-II (उड़िआ) (प्रश्न सं॰ 121-150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल उड़िआ भाषा से सम्बन्धित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िआ के अलावा है/हैं, तो कृपया उस भाषा वाली परीक्षा पुस्तिका माँग लें। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ़ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर-पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

Name of the Candidate (in Capitals) : ____________________
परीक्षार्थी का नाम (बड़े अक्षरों में)

Roll Number (in figures) : ____________________
अनुक्रमांक (अंकों में)

(in words) : ____________________
(शब्दों में)

Centre of Examination (in Capitals) : ____________________
परीक्षा-केन्द्र (बड़े अक्षरों में)

Candidate's Signature : ____________________
परीक्षार्थी के हस्ताक्षर

Invigilator's Signature : ____________________
निरीक्षक के हस्ताक्षर

Facsimile signature stamp of Centre Superintendent ____________________

**14-II**

ଏହି ପୁସ୍ତକରେ **20** ପୃଷ୍ଠା ଅଛି।

# AK14II

## ପ୍ରଶ୍ନପତ୍ର—II

## ଓଡ଼ିଆ ଭାଷା ପରିଶିଷ୍ଟ

## ଭାଗ—IV & V

ପରୀକ୍ଷା ପୁସ୍ତକ କୋଡ୍

**N**

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼।

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :***

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ। ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) ଅଥବା ଭାଗ V (ଭାଷା II) ରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ। ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ।**

2. ପରୀକ୍ଷାର୍ଥୀଗଣ ଭାଗ I ଏବଂ ଭାଗ II କିମ୍ବା III ରେ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ।

3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର)ରେ ଦିଆଯାଇଛି। ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ।

4. **କେବଳ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ।

5. ଏହି ପ୍ରଶ୍ନପତ୍ରର କୋଡ୍ ହେଉଛି **N**. ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା–2** ସମାନ କୋଡ ରହିବା ନିଶ୍ଚିତ। ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ।

6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ, ଭାଗ IV ଓ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 :

| | |
|---|---|
| ଭାଗ—IV : ଭାଷା—I (ଓଡ଼ିଆ) | (ପ୍ରଶ୍ନ 91–120) |
| ଭାଗ—V : ଭାଷା—II (ଓଡ଼ିଆ) | (ପ୍ରଶ୍ନ 121–150) |

7. ଭାଗ—IV (ଭାଷା—I) ରେ 30 ଟି ପ୍ରଶ୍ନ ଓ ଭାଗ—V (ଭାଷା—II) ରେ 30 ଟି ପ୍ରଶ୍ନ ରହିଛି। ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି। **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ। ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷାରୂପେ ବିବେଚନା କରାଯିବ।**

8. **ଭାଗ—V (ଭାଷା—II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ।**

9. ପ୍ରଶ୍ନପତ୍ରରେ 'ରଫ କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ।

10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳା କାଳି ବ୍ୟବହୃତ ହେବ ନାହିଁ।

ପରୀକ୍ଷାର୍ଥୀର ନାମ (ବଡ଼ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ ନମ୍ବର (ଅଙ୍କରେ ଲେଖନ୍ତୁ) : ______________________

(ଶବ୍ଦରେ ଲେଖନ୍ତୁ) : ______________________

ପରୀକ୍ଷା କେନ୍ଦ୍ର (ବଡ଼ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର : ______________

Facsimile signature stamp of Centre Superintendent ______________________

**Candidates should answer questions from the following Part only if they have opted for ODIA as LANGUAGE—I**

→

# ଭାଗ—IV : ଭାଷା—I

## ଓଡ଼ିଆ

**ନିର୍ଦ୍ଦେଶାବଳୀ :** ସର୍ବୋତ୍ତମ ଉତ୍ତରଟି ବାଛନ୍ତୁ (**91** ରୁ **105**) :

**91.** ଅର୍ଥର ବିଚାର ଆଲୋଚନା ମାଧ୍ୟମରେ ଶିକ୍ଷାର୍ଥୀଗଣ ଭାବ ବିନିମୟଗତ ଦକ୍ଷତାର ବିକାଶ କରିଥାନ୍ତି, ଏହାର ଅର୍ଥ ହେଉଛି ସେମାନେ

(1) କୌଣସି ବିଷୟରେ ସନ୍ଦେହ ଥିଲେ ସେମାନ ଶିକ୍ଷକଙ୍କ ସହିତ ଯୋଗାଯୋଗ କରି ତାକୁ ଦୂର କରିଥାନ୍ତି

(2) ବାରମ୍ବାର କୋଷଗ୍ରନ୍ଥର ସାହାଯ୍ୟ ନେଇଥାନ୍ତି ଯାହା ଦ୍ୱାରା ଶବ୍ଦର ସଙ୍କୁଚିତ ଅର୍ଥ ଶିକ୍ଷା କରିଥାନ୍ତି ଓ ବ୍ୟବହାର କରିଥାନ୍ତି

(3) ତଥ୍ୟର ଆଦାନପ୍ରଦାନ କରିଥାନ୍ତି, ପୁନଃ ସଠିକତା ଉପରେ ଜୋର ଦେଇଥାନ୍ତି ଏବଂ ବୁଝିବା ପାଇଁ ଭିନ୍ନ ଭିନ୍ନ ଶବ୍ଦ ବ୍ୟବହାର କରି ପୁଣିଥରେ କହିଥାନ୍ତି

(4) ବ୍ୟାକରଣ ପଦ୍ଧତି ବ୍ୟବହାର କରିଥାନ୍ତି

**92.** କ୍ରମ ଅନୁସାରେ ନିମ୍ନଲିଖିତ ଭାଷା ପ୍ରଶିକ୍ଷଣ କୌଶଳକୁ ଆୟତ୍ତ କରାଯାଇ ଥାଏ

(1) କଥନ–ଶ୍ରବଣ–ପଠନ–ଲିଖନ

(2) ଶ୍ରବଣ–କଥନ–ଲିଖନ–ପଠନ

(3) ଶ୍ରବଣ–କଥନ–ପଠନ–ଲିଖନ

(4) ଶ୍ରବଣ–ପଠନ–କଥନ–ଲିଖନ

**93.** ଭାଷା ଶିକ୍ଷାକୁ ଅଧିକ ସୁଲଭ କରାଯାଇପାରିବ, ଯଦି ସେମାନଙ୍କ ପାଠ୍ୟ

(1) କ୍ଲାସରୁମ୍ ପରିବେଶ ମଧ୍ୟରେ ସୀମାବଦ୍ଧ ରହେ

(2) ଲିପି ଏବଂ ଧ୍ୱନି ମାଧ୍ୟମରେ ମାତୃଭାଷାର ନିକଟତର ହୁଏ

(3) କଲେଜ ଆଡମିସନ ପାଇଁ ସୁଯୋଗ ସୃଷ୍ଟି ଦିଗରେ ସହାୟକ ହୋଇଥାଏ

(4) ସେମାନଙ୍କ ଜୀବନର ମୂଲ୍ୟବୋଧ ଓ ଲକ୍ଷ୍ୟ ପ୍ରସଙ୍ଗରେ କ୍ରିୟାଶୀଳ ହୋଇଥାଏ

**94.** ଶୀର୍ଷକ ଥିବା ଏକ ସମ୍ଭାବ୍ୟ ଉତ୍ତର ତାଲିକାରୁ ଛାତ୍ରଛାତ୍ରୀଙ୍କୁ ଏଥର ବାଛିବାକୁ କୁହାଯିବ। ଅଡିଓ–ରେକଡିଙ୍ଗ ପୂର୍ବରୁ କେଉଁ ପ୍ରକାର ତଥ୍ୟ 'ଇନପୁଟ ଟେକ୍ସଟ'ରେ ଦିଆହେବ ? ଏଠାରେ ଛାତ୍ରଛାତ୍ରୀଗଣ

(1) ଆହୃତ ବିଷୟର ସଠିକ୍ ଭବିଷ୍ୟବାଣୀ କରିଥାନ୍ତି

(2) ତଥ୍ୟକୁ ମିଳାଇଥାନ୍ତି

(3) ପ୍ରଶ୍ନର ଉତ୍ତର ଅନୁମାନ କରନ୍ତି

(4) ଛାଡ଼ି ହୋଇ ଯାଇଥିବା ତଥ୍ୟର ପୂରଣ କରନ୍ତି

**95.** କଥାବାର୍ତ୍ତାବେଳେ ବିଦ୍ୟାର୍ଥୀଗଣ କହିବାକୁ ଅଧିକ ଭଲ ପାଇଥାନ୍ତି। ଏହି କାର୍ଯ୍ୟକୁ ଅଧିକ ଉଦ୍ଦେଶ୍ୟମୂଳକ କରାଯାଇ ପାରିବ

(1) ଏକ ସ୍ୱତନ୍ତ୍ର ଶବ୍ଦ ତାଲିକା ବ୍ୟବହାର ପାଇଁ ଯୋଗାଇଦେବା ଦ୍ୱାରା

(2) ସଠିକ୍ ପଠନ କୌଶଳ ଏବଂ ଉଚ୍ଚାରଣ ଉପରେ ଜୋର ଦେବା ଦ୍ୱାରା

(3) କିଛି ଲିଖନ/ପଠନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଦ୍ୱାରା

(4) ସେମାନଙ୍କୁ ଶେଷରେ କାମ ଶେଷ କରିବା ପାଇଁ ପ୍ରବର୍ତ୍ତାଇବା ଦ୍ୱାରା

**96.** ମଣିଷର ଭାବନା ଓ ଫଳପ୍ରଦ ଭାବ ବିନିମୟ ମଧ୍ୟରେ ପ୍ରଧାନ/ମୌଳିକ ସଂଯୋଗ [ଲିଖନ/କଥନ] ହେଉଛି

(1) ଉଚ୍ଚାରଣ/କଥନ ଭଙ୍ଗୀ

(2) ବଡ଼ଅକ୍ଷରରେ ଲିଖନ ଓ ପୂର୍ଣ୍ଣଚ୍ଛେଦ ବିରାମ ଚିହ୍ନାଦି ବ୍ୟବସ୍ଥାକରଣ

(3) ସ୍ୱରଲହରୀ ଓ ବଳାଘାତ

(4) ବୟାକରଣିକ କୌଶଳ

**97.** ଭିଡ଼ିଓ ମାଧ୍ୟମରେ ଶିକ୍ଷକ ବ୍ୟାକରଣ କୌଶଳ ଓ ନିୟମ ଶିଖାଇଥାନ୍ତି। ଅଧିକ ଫଳପ୍ରଦ ଯୋଗାଯୋଗ ପାଇଁ ବିଦ୍ୟାର୍ଥୀଗଣ ଲେଖାପଢ଼ାବେଳେ ଏହି ସବୁ କୌଶଳକୁ ବ୍ୟବହାର କରିଥାନ୍ତି। ଏହି କୌଶଳ ହେଉଛି

(1) ଗଠନମୂଳକ

(2) ଅପ୍ରାମାଣିକ ତଥ୍ୟ ଆଧାରିତ

(3) ପ୍ରାମାଣିକ ତଥ୍ୟଭିତ୍ତିକ

(4) ସରଳୀକରଣ

**98.** ବିଦ୍ୟାର୍ଥୀର ଲିଖନ ବିଷୟରେ ସଂଶୋଧନ ଫଳପ୍ରଦ ହୋଇଥାଏ, ଯେତେବେଳେ ଶିକ୍ଷକ

(1) ଶୁଦ୍ଧ ଉତ୍ତର ଲେଖିବା ଯାଏ ବିଦ୍ୟାର୍ଥୀମାନଙ୍କୁ ବାରମ୍ବାର ଅଭ୍ୟାସ କରାଇଥାନ୍ତି

(2) କଳାପଟା ଉପରେ ଶୁଦ୍ଧ ଉତ୍ତର ଲେଖନ୍ତି

(3) ଭୁଲ ଉତ୍ତରକୁ ଦୋହରାଇଥାନ୍ତି

(4) ପ୍ରତୀକ ବ୍ୟବହାର କରି ବଡ଼ ବଡ଼ ଭୁଲ୍‌କୁ ଦେଖାଇଥାନ୍ତି ଏବଂ ବିଦ୍ୟାର୍ଥୀ ନିଜେ ସଂଶୋଧନ କରିଥାନ୍ତି

**99.** କ୍ଲାସରୁମ୍ ଭିତରେ ବା ବାହାରେ ପ୍ରଥମ ଭାଷା କିମ୍ବା ତୃତୀୟ ଭାଷାର ଦୃଷ୍ଟାନ୍ତକୁ ଶୁଣିବା ଏବଂ ବୁଝିବାରେ ବିଦ୍ୟାର୍ଥୀଗଣଙ୍କୁ କଷ୍ଟକର ହୋଇଥାଏ। ଏହାକୁ ବିଦ୍ୟାର୍ଥୀ ଉପଯୋଗୀ କରାଯାଇ ପାରିବ

(1) କେବଳ ଜନ୍ମିତ ଭାଷାରେ କଥାବାର୍ତ୍ତା କରିବା ଦ୍ୱାରା

(2) ଦ୍ୱିତୀୟ ଭାଷା/ତୃତୀୟ ଭାଷାର ପରିଅତକୁ ବଢ଼ାଇବା ଦ୍ୱାରା

(3) ଭାଷାକୁ ଅଧିକରୁ ଅଧିକ ବ୍ୟବହାର କରି ଅଭ୍ୟାସ କରିବା ଦ୍ୱାରା

(4) ପ୍ରଥମ ଭାଷାର ନିକଟବର୍ତ୍ତୀ ଏକ ଭାଷାକୁ ପସନ୍ଦ କରିବା ଦ୍ୱାରା

**100.** ପଠନ କାର୍ଯ୍ୟବେଳେ ସେମାନେ ଅପରିଚିତ ଶବ୍ଦର ବିରୋଧ କରନ୍ତି, ସମୁଦାୟ ବିଷୟଟିର ଅର୍ଥ ବୁଝିଲାବେଳେ ବିଦ୍ୟାର୍ଥୀଗଣଙ୍କୁ ଏପରି ତାଲିମ ଦେବା ଉଚିତ

(1) ଅଧିକ ସହଜ ବିଷୟକୁ ପସନ୍ଦ କରିବା

(2) ତତ୍‌କ୍ଷଣାତ୍ କୋଷଗ୍ରନ୍ଥ ଦେଖି ଶବ୍ଦଟିର ଅର୍ଥ ବାହାର କରିବା

(3) ଶିକ୍ଷକ କିମ୍ବା ପଡ଼ୋଶୀଙ୍କୁ ପଚାରିବା

(4) ଅପରିଚିତ ଶବ୍ଦର ଅର୍ଥକୁ ସଠିକ୍ ଭାବେ ଅନୁମାନ କରିବାକୁ ସେହି ପ୍ରସଙ୍ଗରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବା

**101.** ପଠନ ବୋଧଶକ୍ତିର ଉଚ୍ଚତର ସୋପାନ କେଉଁଟି

(1) ବିଷୟ ମଧ୍ୟରୁ ମୂଳଶବ୍ଦ ଓ ପୂର୍ଣ୍ଣବାକ୍ୟ ବାହାର କରି ନିଜ ଭାଷାରେ ପୁଣିଥରେ ଲେଖିବା, ବିଷୟ ମଧ୍ୟରୁ ଭିନ୍ନ ଭିନ୍ନ ଅର୍ଥକୁ ଖୋଜି ବାହାର କରିବା

(2) ବିଷୟ ମଧ୍ୟରୁ ପଏଣ୍ଟ ଏବଂ ମୂଳ ଶବ୍ଦ ବାଛି ଲେଖିବା, ସେହି ବିଷୟ ମଧ୍ୟରୁ ଭିନ୍ନ ଭିନ୍ନ ଅର୍ଥକୁ ବୁଝିବା

(3) ବିଷୟ ମଧ୍ୟରୁ ମୂଳଶବ୍ଦ ଏବଂ ବିଦ୍ୟାର୍ଥୀର ନିଜେ ବାଛିଥିବା ଶବ୍ଦକୁ ପୁଣି ଥରେ ଲେଖିବା

(4) ବିଷୟ ମଧ୍ୟସ୍ଥ ଭିନ୍ନ ଭିନ୍ନ ଅର୍ଥ ବାହାର କରିବା, ବିଷୟ ଭିତରୁ ଅସମ୍ପୂର୍ଣ୍ଣ ବାକ୍ୟ ବାହାର କରି ନିଜ ଭାଷାରେ ପୁଣିଥରେ ଲେଖିବା

102. ଗୋଟିଏ ଲେଖାର ପ୍ରଥମ ଅଂଶକୁ ଏଇଭଳି ବିବେଚନା କରାଯାଇ ପାରିବ

(1) ବ୍ୟାକରଣଗତ ଗଠନରୀତି

(2) ସୀମିତ ଶବ୍ଦ ଉପରେ ଗୁରୁତ୍ୱ ଦିଆଯିବ

(3) ବିଷୟର ପ୍ରାସଙ୍ଗିକତା ଏବଂ ସେଥିରେ ଅନ୍ତର୍ନିହିତ ଥିବା ଚିନ୍ତାଧାରା

(4) ଶବ୍ଦ ପାଣ୍ଡିତ୍ୟ

103. ଗୋଟିଏ ଭାଷା ଶିଖିଲାବେଳେ କାର୍ଯ୍ୟକଳାପ ମାଧ୍ୟମରେ ସ୍ୱାଧୀନଭାବେ ପଢ଼ିବା ପାଇଁ ସୁବିଧା, ଲକ୍ଷ୍ୟପ୍ରାପ୍ତି ପାଇଁ ଅଧିକ ସହାୟକ ପୁସ୍ତକ ଏବଂ ଆଶୁ ଫଳାଫଳ ସମ୍ପର୍କୀୟ ତଥ୍ୟ ଆଦି ସୁଯୋଗ —— ଶିକ୍ଷା ଯୋଗାଇ ଦେଇଥାଏ ।

(1) ପତ୍ର ବିନିମୟ

(2) ଯୋଜନାଯୁକ୍ତ

(3) କମ୍ପ୍ୟୁଟରୀ କୌଶଳଯୁକ୍ତ

(4) ସିଧାସଳଖ/ପ୍ରତ୍ୟକ୍ଷ

104. ମାତୃଭାଷା ଓ ଲକ୍ଷ୍ୟ-ଭାଷା କହୁଥିବା ଏକ ଦ୍ୱିଭାଷୀ କ୍ଲାସରୁମ୍ ଉପକାରୀ ବିବେଚିତ ହୋଇଥାଏ, କାରଣ ଏହା

(1) କ୍ଲାସ୍‌ରେ ବିଦ୍ୟାର୍ଥୀଗଣ ଅଳ୍ପ କଥାବାର୍ତ୍ତା କରୁଥିବାରୁ ବିଭ୍ରାନ୍ତି କମ୍ ସୃଷ୍ଟି କରିଥାଏ

(2) ଲକ୍ଷ୍ୟ-ଭାଷାର ବିଦ୍ୟାର୍ଥୀମାନଙ୍କୁ ଅନ୍ୟ ଭାଷା ଶିଖିବାକୁ ପ୍ରବର୍ତ୍ତାଇ ଥାଏ

(3) ଅଲଗା ପ୍ରକଳ୍ପ ପାଇଁ ସୁଯୋଗ ଦେଇଥାଏ

(4) ଦୁଇଟି ଭାଷାରେ ଅଧିକ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱ ଦେଇଥାଏ

105. ଆହରଣ କରାଯାଇଥିବା ଜ୍ଞାନ ସବୁ ସମୟରେ ଛାତ୍ରର କାମରେ ଆସି ନଥାଏ, ଉଦାହରଣ ସ୍ୱରୂପ ଶବ୍ଦ ଧନ୍ଦାରେ ବିଦ୍ୟାର୍ଥୀ ଜଣକ ବାକ୍ୟକୁ ସାମ୍ୟତାଯୁକ୍ତ ଅର୍ଥରେ ଅନୁବାଦ କଲାବେଳେ କିମ୍ବା ବସ୍ତୁକୁ ଚିହ୍ନଟ କଲାବେଳେ ଫେଲ ମାରି ଥାଏ । ସମ୍ଭାବ୍ୟ ସମାଧାନଟି ହେଉଛି

(1) ବିଶ୍ୱାସ ବଢ଼ାଇବା ପାଇଁ କେବଳ ସରଳ କାର୍ଯ୍ୟ ପ୍ରଦାନ କରିବା

(2) ଉଚ୍ଚ ଧରଣର ଗ୍ରହୀତା ଛାତ୍ର/ଛାତ୍ରୀ ସହିତ ବସାଇବା

(3) ଯତ୍ନ ସହକାରେ ପ୍ରସ୍ତୁତ ସରଳତର-ସରଳ-ଜଟିଳତମ କାର୍ଯ୍ୟଟି ପ୍ରଦାନ କରିବା

(4) ସେହି ଏକା କାର୍ଯ୍ୟକୁ ଶେଷ କରିବା ପାଇଁ ଅଧିକ ସମୟ ଦେବା

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପାଠ କର। **106** ରୁ **114** ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର 4ଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ସଂସ୍କୃତ ଭାଷାରେ ଅଧିକାର ତଥା କର୍ତ୍ତବ୍ୟ ଏକାର୍ଥବାଚକ ଶବ୍ଦ ଭଳି ବ୍ୟବହୃତ ହୋଇଛି। ଅଧିକାରର ଜନ୍ମ କର୍ତ୍ତବ୍ୟ ଭିତରୁ ହିଁ ହୋଇଛି। 'କର୍ତ୍ତବ୍ୟ କରିବାର ମୋର ଅଧିକାର ରହିଛି' ବୋଲି ବରଂ କୁହାଗଲା। ଆମ ଦେଶର ମନୁଷ୍ୟ ଯେତେବେଳେ ଗୀତା-ଯୁଗରେ ପହଞ୍ଚିଗଲା, ସେତେବେଳେ ତାକୁ କୁହାଗଲା—କର୍ମରେ ତୋର ଅଧିକାର ଅଛି, ଫଳରେ ନାହିଁ। କେହି କେହି ତ କୁହନ୍ତି, ସମଗ୍ର ଗୀତାର ସାରକଥା ଦ୍ୱିତୀୟ ଅଧ୍ୟାୟର ଏହି ଗୋଟିଏ ଶ୍ଳୋକରେ ହିଁ ଅଛି। ଅଧିକାର ପାଇଁ ଦାବୀ କରିବା ତ ଦୂରର କଥା, ଯେଉଁ କର୍ତ୍ତବ୍ୟ କରୁଛ ବା ଯେଉଁ କର୍ମରେ ଲାଗିରହିଛ, ସେଥିରୁ ଯେଉଁ ଫଳ ମିଳିବ ତାହା ପ୍ରତି ମଧ୍ୟ ଆସକ୍ତ ହୁଅ ନାହିଁ ବୋଲି ଭଗବଦ୍-ବାଣୀ ପ୍ରଚାର କରାଗଲାଣି। ନିଷ୍କାମ କର୍ମ ତଥା ପବିତ୍ର କର୍ତ୍ତବ୍ୟ, ଏକ କଥା କହିଲେ ଚଳେ। ଆଚାର୍ଯ୍ୟ ବିନୋବାଙ୍କ ଭାଷାରେ କର୍ମ ତଥା ଫଳ ବିଷୟରେ ଗୀତା ଗୋଟିଏ ନୂତନ ଭାବନା ଶିକ୍ଷା ଦେଲା। ତାଙ୍କର କହିବାର କଥା—''ଯିଏ କର୍ମ କରନ୍ତି, ତାଙ୍କର ହୁଏତ ଦୁଇଟି ଚିନ୍ତା ଥାଏ। ପ୍ରଥମ ହେଉଛି, ନିଜ କର୍ମର ଫଳ ଆମେ ନିଶ୍ଚୟ ଚାଖିବୁ; ତହିଁରେ ଆମର ଅଧିକାର ଅଛି। ଏହାର ଓଲଟା ଦ୍ୱିତୀୟ କଥା ହେଉଛି—ଆମକୁ ଯଦି ଫଳ ଚାଖିବାକୁ ନ ମିଳିବ, ତେବେ ଆମେ ଆଦୌ କର୍ମ କରିବୀ ନାହିଁ। ଗୀତା ଏହି ଦୁଇଟିକୁ ଛାଡ଼ି ଆଉ ଏକ ତୃତୀୟ ଭାବନା ବା ବୃତ୍ତି ଶିକ୍ଷା ଦେଉଛି। ସେ କହୁଛି, କର୍ମ ତ ଅବଶ୍ୟ କରିବ; କିନ୍ତୁ ଫଳରେ ତୁମର ଅଧିକାର ଅଛି ବୋଲି ମନେ କର ନାହିଁ। ଯିଏ କର୍ମ କରୁଛି, ତା'ର ଫଳରେ ନିଶ୍ଚୟ ଅଧିକାର ଅଛି; କିନ୍ତୁ ତୁମେ ନିଜେ ସେ ଅଧିକାରକୁ ଛାଡ଼ିଦିଅ। ରଜୋଗୁଣ କୁହେ, ''ନେବି ତ ଫଳ ସହିତ ନେବି।'' ତମୋଗୁଣ କୁହେ, ''ଛାଡ଼ିବି ତ କର୍ମ ସମେତ ଛାଡ଼ିବି।'' ଏ ଦୁହେଁ ପରସ୍ପରର ଭାଇ। ଏଣୁ ତୁମେ ଏ ଦୁହିଁଙ୍କ ଆଗକୁ ଯାଇ ଶୁଦ୍ଧ ସତ୍ତ୍ୱଗୁଣୀ ହୁଅ; ଆର୍ଥାତ୍ କର୍ମ କର। ମାତ୍ର ଫଳକୁ ଛାଡ଼ିଦିଅ। ଫଳକୁ ଛାଡ଼ି କର୍ମ କର। ମୂଳରୁ ବା ଶେଷକୁ କେଉଁଠି ହେଲେ ଫଳର ଆଶା ରଖ ନାହିଁ।'

ମହୁମାଛି ଯେମିତି ତା'ର ଚିତ୍ତବିନୋଦନ ଓ ଶ୍ରମକୁ ଏଭଳି ଭାବରେ ମିଶାଇ ଦେଇଛି ଯେ ଫୁଲରୁ ମହୁ ସଂଗ୍ରହ କରିବାଟା ଓ ଫୁଲରେ ଯାଇ ବସି ନାଚିବାଟା ଭିତରୁ କେଉଁଟା ତା'ର ଶ୍ରମ ବା କେଉଁଟା ଚିତ୍ତବିନୋଦନ ତାହା ଜାଣିବା କଷ୍ଟକର। ସେହିଭଳି ମନୁଷ୍ୟ ନିଜର କର୍ତ୍ତବ୍ୟ ପାଳନ କରି ଯାଉଥିବାବେଳେ ସେ ନିଜର ସୁଖ ପାଇଁ ଯାହା କରୁଛି ବା ଅନ୍ୟର ମଙ୍ଗଳ ପାଇଁ ଯାହା କରୁଛି, ତାହା ଯେପରି ଜାଣି ହେଉ ନଥିବ। ଟଙ୍କାର ସନ ଓ ମୁଣ୍ଡପାଖ ଭଳି—'ଅଧିକାର' ଓ 'କର୍ତ୍ତବ୍ୟ' ହେବା ଉଚିତ। ନିଜର କର୍ତ୍ତବ୍ୟ ପାଳନ ନ କରି କେହି ଅଧିକାରର ପ୍ରଶ୍ନ ଉଠାଉ ନ ଥିଲା। ଟଙ୍କାର ସନ-ପାଖଟା ନ ନେଇ ମୁଁ କେବଳ ମୁଣ୍ଡପାଖଟା ନେବି ବୋଲି କହିବା ଯେପରି ନିରର୍ଥକ, କର୍ତ୍ତବ୍ୟ ପାଳନ ନ କରି ଅଧିକାର ବିଷୟ ଚିନ୍ତା କରିବାଟା ମଧ୍ୟ ସେହିଭଳି ନିରର୍ଥକ ବୋଲି ସ୍ୱୀକାର କରାଯାଉଥିଲା।

**106.** ଅଧିକାରର ଜନ୍ମ କେଉଁଥିରୁ ହୋଇଛି ?

(1) କର୍ମ ଫଳରୁ

(2) କର୍ତ୍ତବ୍ୟ ଭିତରୁ

(3) ସଂସ୍କୃତରୁ

(4) ଗୀତା ଯୁଗରୁ

**107.** ଗୀତାର ସାରକଥା କେଉଁ ଅଧ୍ୟାୟରେ ଅଛି ?

(1) ପ୍ରଥମ ଅଧ୍ୟାୟରେ

(2) ପ୍ରତ୍ୟେକ ଅଧ୍ୟାୟରେ

(3) ଶ୍ଳୋକ ଅଧ୍ୟାୟରେ

(4) ଦ୍ୱିତୀୟ ଅଧ୍ୟାୟରେ

**108.** କର୍ମ କରୁଥିବା ଲୋକର କେତୋଟି ଚିନ୍ତା ଥାଏ ?

(1) ଦୁଇଟି ଚିନ୍ତା

(2) ଗୋଟିଏ କର୍ମ ଚିନ୍ତା

(3) ଆଦୌ ଚିନ୍ତା ନଥାଏ

(4) ଅନେକ ଚିନ୍ତା

**109.** ଫଳକୁ ଛାଡ଼ି କର୍ମ କରିବାକୁ କେଉଁ ଗୁଣ କହେ ?

(1) ନିଷ୍କାମ ଗୁଣ

(2) ରଜୋଗୁଣ

(3) ତମୋଗୁଣ

(4) ଶୁଦ୍ଧ ସତ୍ତ୍ୱ ଗୁଣ

**110.** ଟଙ୍କାର ସନ ଓ ମୁଣ୍ଡପାଖ ଭଳି କ'ଣ ହେବା ଉଚିତ ?

(1) ଶ୍ରମ ଫଳ

(2) କର୍ତ୍ତବ୍ୟ ପାଳନ

(3) 'ଅଧିକାର' ଓ 'କର୍ତ୍ତବ୍ୟ'

(4) କର୍ମଫଳ

**111.** କିଏ ଅଧିକାରର ପ୍ରଶ୍ନ ଉଠାନ୍ତି ?

(1) ତମୋଗୁଣ ବ୍ୟକ୍ତି

(2) ଯିଏ ନିଜର କର୍ତ୍ତବ୍ୟ ପାଳନ କରନ୍ତି

(3) ଯିଏ କର୍ତ୍ତବ୍ୟ କରନ୍ତି ନାହିଁ

(4) ରଜୋଗୁଣ ବ୍ୟକ୍ତି

**112.** ଗୀତା ଯୁଗରେ ମନୁଷ୍ୟକୁ କ'ଣ କୁହାଗଲା ?

(1) ଅଧିକାର ସାବ୍ୟସ୍ତ କରିବା

(2) କର୍ମ ସହିତ ଫଳ ପ୍ରାପ୍ତି

(3) ପ୍ରଥମେ ଫଳ ଆଶା, ତା'ପରେ କର୍ମ

(4) କର୍ମରେ ତୋର ଅଧିକାର ଅଛି, ଫଳରେ ନାହିଁ

**113.** 'କର୍ମ' କେଉଁ ପଦ ?

(1) କ୍ରିୟା

(2) ବିଶେଷ୍ୟ

(3) ବିଶେଷଣ

(4) ସର୍ବନାମ

**114.** 'ନିଷ୍କାମ' ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ କ'ଣ ?

(1) ସୁକାମ

(2) ଅନିଷ୍କାମ

(3) କାମ

(4) ସକାମ

ନିର୍ଦ୍ଦେଶାବଳୀ : ନିମ୍ନ ପ୍ରଦତ୍ତ କବିତାଂଶଟି ପାଠକର ଏବଂ **115** ରୁ **120** ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଚାରୋଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ଜୀବନ ଧରି ହେ ଢାଳିଲୁ ରକ୍ତ ତୋଳିଲୁ ସଉଧମାଳା
ଆମରି ଲାଗିରେ ଶାସନ ଶକ୍ତ ଆମେଇ ସର୍ବହରା ।
ଝାଞ୍ଜି ପବନ ସହିରେ ସଘନ ଗହୀରେ ରୋଇଲୁ ଧାନ
ବରଷା କାଦୁଅ ଚକଟି କେତେରେ ଖିନ୍ନ କରିଲୁ ପ୍ରାଣ ।
ପଉଷ ପ୍ରଭାତେ କାଟିଲୁ ଶସ୍ୟ ହସିଲେ ନିଖିଳବାସୀ
ଶକ୍ତିଶାଳୀର କରାଳ କବଳ ନେଲାରେ ସକଳ ଗ୍ରାସି ।
କେତେ ଯେ ଦେଏଣା କେତେ ଯେ ପାଉଣା ମହାଜନ ଜମିଦାର
ନେଲେଟି ଶୋଷିରେ ଚାହିଁଲୁ ନୀରବେ ଘେନି କଙ୍କାଳମାଳ ।
ସନ୍ତାନ ଆମ ଆମରି ଆଗେରେ ଶମଶାନେ ପଡ଼େ ଟଳି
ମୂକ ପାଷାଣର ପରାଣ ବହିରେ ରହିଛୁ ସଭୟେ ଥରି ।
ଯେ ଯୁଗେ ମାନବ ଉଡ଼ଇ ଆକାଶେ ବୁଡ଼ଇ ସାଗର ଜଳେ
ସେ ଯୁଗେ ଆମେରେ 'ହା-ଅନ୍ନ ହା-ଅନ୍ନ' ଡାକି ବୁଲୁ ନତଶିରେ ।
ଭାଗ୍ୟ ଆଦରି ଦେଉଳ ଦୁଆରେ ମୁଣ୍ଡ ପିଟୁରେ ବସି
କରଭାର ସହି ଦୀନ ଦୁର୍ବଳ ନ ପାରୁ ଜୀବନେ ହସି ।

**115.** ରକ୍ତ ଢାଳି କିଏ ସୌଧମାଳା-ତୋଳନ୍ତି ?

(1) ଶ୍ରମିକ ମାନେ

(2) ଶକ୍ତିଶାଳୀ ଲୋକେ

(3) ଧନୀ ଲୋକେ

(4) ସର୍ବହରା ମାନେ

**116.** ସକଳ ଶସ୍ୟ କିଏ ଗ୍ରାସ କରିନିଏ ?

(1) ସର୍ବହରା

(2) ନିଖିଳ ବାସୀ

(3) ଶାସନ ଶକ୍ତି

(4) ଶକ୍ତିଶାଳୀର କରାଳ କବଳ

**117.** ଶୋଷିତ ସର୍ବହରା କିପରି ଚାହିଁଥାଏ ?

(1) ନତଶିରେ

(2) ଭାଗ୍ୟ ଆଦରି

(3) କରଭାର ସହି

(4) ନୀରବରେ

**118.** ସର୍ବହରାର ପ୍ରାଣ କିପରି ?

(1) ଦୁର୍ବଳ

(2) ମୂକ ପାଷାଣ

(3) ନିର୍ଭୀକ

(4) କଙ୍କାଳ ପରି

**119.** ସର୍ବହରା ଦେଉଳ ଦୁଆରେ କାହିଁକି ମୁଣ୍ଡ ପିଟେ ?

(1) ଭାଗ୍ୟ ଆଦରି

(2) ପ୍ରସାଦ ପାଇଁ

(3) ଠାକୁରଙ୍କ ଠାରୁ ବର ପାଇବା ପାଇଁ

(4) ମହାଜନ ଜମିଦାରଙ୍କ ଦଣ୍ଡ ପାଇଁ

**120.** ଏଠାରେ 'ଝାଂଜି' ଶବ୍ଦଟି କେଉଁ ପଦ ?

(1) ଅବ୍ୟୟ

(2) ବିଶେଷଣ

(3) ବିଶେଷ୍ୟ

(4) କ୍ରିୟା

**Candidates should answer questions from the following Part only if they have opted for ODIA as LANGUAGE—II**

# ଭାଗ—V : ଭାଷା—II

## ଓଡ଼ିଆ

ନିର୍ଦ୍ଦେଶାବଳୀ : ସର୍ବୋତ୍ତମ ଉତ୍ତରଟି ବାଛନ୍ତୁ (**121** ରୁ **135**) :

**121.** ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ନିଜ ଜ୍ଞାନର ବିନ୍ଧାଣୀଭାବେ ଗଣନା କରାଯାଇଥାଏ। ଗୋଟିଏ ଭାଷା ପ୍ରଶିକ୍ଷଣ କ୍ଲାସରୁମ୍‌ରେ ଏହାକୁ ପ୍ରାପ୍ତ କରାଯାଇପାରିବ -

(1) ଶିକ୍ଷକମାନେ ବ୍ୟକ୍ତିଗତ ପ୍ରକଳ୍ପ କାର୍ଯ୍ୟର ନିକଟରେ ରହି ଦେଖାଶୁଣା କରିବା ଏବଂ ଉନ୍ନତି ପାଇଁ ବାରମ୍ବାର ଫିଡ୍‌ବ୍ୟାକ୍ ପ୍ରଦାନ କରିବା ଦ୍ୱାରା

(2) ଲକ୍ଷ୍ୟଭାଷାରେ ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ପଢ଼ିବା ପାଇଁ ଉତ୍ସାହିତ କରିବା ଦ୍ୱାରା

(3) ଛାତ୍ରଛାତ୍ରୀଙ୍କ ଚାହିଦା ପୂରଣ କରିପାରୁଥିବା ଶିକ୍ଷଣୀୟ ଜିନିଷପତ୍ର ଯୋଗାଇଦେବା ଦ୍ୱାରା

(4) ଜ୍ଞାନାର୍ଜନ ଧାରାରେ ସହଯୋଗ ଏବଂ ଆଦାନପ୍ରଦାନ ମାଧ୍ୟମରେ ଏକକ ଏବଂ ଦ୍ୱୈତ କାର୍ଯ୍ୟକଳାପକୁ ସୁବିଧା ଯୋଗଇଦେବା ଦ୍ୱାରା

**122.** ଶିକ୍ଷକ ଏପରି ଏକ ବାତାବରଣ ସୃଷ୍ଟିକରିବେ ଯେଉଁଥିରେ ବିଦ୍ୟାର୍ଥୀ ଲକ୍ଷ୍ୟଭାଷାରେ କଥାବାର୍ତ୍ତା କରିବାକୁ ଉଚିତ ମନେ କରିବ ଏବଂ ଏହା କାର୍ଯ୍ୟକାରୀ ହୋଇପାରିବ

(1) ଭିଜୁଆଲ ବା ଦୃଶ୍ୟକଳ୍ପ ମାଧ୍ୟମ ଦ୍ୱାରା

(2) ଯେଉଁ ଭାଷା ଛାତ୍ରଛାତ୍ରୀଙ୍କୁ ଭଲ ଲାଗିବ ସେହି ଭାଷାରେ କଥାବାର୍ତ୍ତା ପାଇଁ ସେମାନଙ୍କୁ ଛାଡ଼ିଦେବା ଦ୍ୱାରା

(3) ସାଧାରଣ ପାଠ ପଢ଼ାର ଆଦାନପ୍ରଦାନ ସମୟରେ ଏହି ସବୁ ବାକ୍ୟକୁ ବ୍ୟବହାର ପାଇଁ ପ୍ରବର୍ତ୍ତାଇବା ଏବଂ ସେମାନଙ୍କ ବ୍ୟବହାରକୁ ମଡେଲ ଭାବେ ପ୍ରଦର୍ଶନ କରିବା ଦ୍ୱାରା

(4) ବାରମ୍ବାର ଲିଖନ ଏବଂ କଥନ କାର୍ଯ୍ୟକଳାପ ମାଧ୍ୟମ ଦ୍ୱାରା

**123.** ଆମେ ଯେତେବେଳେ ଏକ ଭାଷାକୁ ଚିରାଚରିତ ଢଙ୍ଗରେ ଅଧ୍ୟୟନ କରୁ, ଆମେ ସାଧାରଣତଃ ଏମିତି କରିଥାଉ

(1) ଫଳପ୍ରଦ ଭାବ ବିନିମୟ ଉପରେ ଗୁରୁତ୍ୱ ଦେଇଥାଉ

(2) ଆମେ ଯେପରି କହିବା କଥା (କଥିତ ରୂପ) ସେପରି ନକହି ଯାହା କହିବାକୁ ଚାହୁଁ (ଅର୍ଥ) ତା'ଉପରେ ଗୁରୁତ୍ୱ ଦେଇଥାଉ

(3) ଆମ ପିତାମାତାଙ୍କ କଥା ଶୁଣିଥାଉ

(4) ନିଜେ ନିଜେ ପଢ଼ି ଶିଖିଥିବା ଶବ୍ଦର ବ୍ୟବହାର କରୁ

**124.** 'ଅଡ଼ିଓ ଇନ୍‌ପୁଟ' ଉପରେ ସ୍ୱତନ୍ତ୍ର ନୋଟ ପ୍ରସ୍ତୁତ ପାଇଁ ଛାତ୍ରଛାତ୍ରୀଙ୍କୁ କୁହାଯାଇଥାଏ। ଏହି କାର୍ଯ୍ୟକୁ —— କାର୍ଯ୍ୟ କୁହାଯାଇପାରିବ।

(1) ବ୍ୟାଖ୍ୟାତ୍ମକ

(2) ତଥ୍ୟପ୍ରେରଣ

(3) ଭବିଷ୍ୟବାଣୀ

(4) ସ୍ମୃତିଚାରଣ

**125.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ କ୍ଲାସରୁମ୍‌ରେ ଛାତ୍ରଛାତ୍ରୀଙ୍କର କେଉଁ ଧରଣର କୌଶଳ ଅନୁଶୀଳନ ପାଇଁ ଯଥୋପଯୁକ୍ତ?

- ପକେଟ ମନିରେ ତମେ ଗତ ସପ୍ତାହରେ କ'ଣ ସବୁ କିଣିଲ?
- ତମ ଟାଉନ/ସହର କ'ଣ ପାଇଁ ଜଣାଶୁଣା?
- ଘରେ ତମେ କି ପ୍ରକାର ସାହାଯ୍ୟ କର?
- ତମର ହବି ସମ୍ବନ୍ଧରେ କିଛି ତଥ୍ୟ ପ୍ରଦାନ କର।

(1) ଶବ୍ଦତାଲିକା

(2) କଥନ

(3) ଲିଖନ

(4) ଶ୍ରବଣ

**126.** ଯେତେବେଳେ ଛାତ୍ରଛାତ୍ରୀଗଣ ଭାଷାର ବ୍ୟାକରଣ ଓ ରୂପ ବିଷୟରେ ଅଧ୍ୟୟନ କରନ୍ତି, ସେମାନେ ମନେରଖନ୍ତି

(1) ବ୍ୟାକରଣ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ

(2) ମୌଳିକ ବିନିମୟ କୌଶଳ ପାଇଁ ବ୍ୟାକରଣ ଅତି ଜରୁରୀ

(3) ଲେଖାର ଶୈଳୀ ବ୍ୟାକରଣ ଦ୍ୱାରା ପ୍ରଭାବିତ ହୋଇଥାଏ

(4) ସେମାନଙ୍କ ଭାବ ବିନିମୟ କୌଶଳର କଳାତ୍ମକ ବିକାଶ ଏବଂ ବିନିମୟର ଉଦ୍ଦେଶ୍ୟ

**127.** ଲିଖନ ହେଉଛି ଗୋଟିଏ ଜଟିଳ ଏବଂ ମୁକାବିଲାମୂଳକ କାର୍ଯ୍ୟକକ୍ଷ ଏବଂ ସେଥି ପାଇଁ ଶିକ୍ଷକ ପ୍ରଥମେ ଗୁରୁତ୍ୱ ଦେଇଥାନ୍ତି

(1) ଅର୍ଥର ସ୍ୱଚ୍ଛ ପରିପ୍ରକାଶ ପାଇଁ ବ୍ୟାକରଣଗତ ଧାରଣା ଅତ୍ୟନ୍ତ ଜରୁରୀ

(2) ବ୍ୟାକରଣଗତ ଗଠନ କୌଶଳକୁ ବାରମ୍ବାର ଅଭ୍ୟାସ କରିବା

(3) ଶୁଦ୍ଧ ବ୍ୟାକରଣ ଲିଖନ ଅପେକ୍ଷା ଲକ୍ଷ୍ୟଭାଷାରେ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିବା

(4) ସହଜ ପ୍ରଶ୍ନ ଦେବା ସହ ଅଳ୍ପ ବ୍ୟାକରଣ ଅଭ୍ୟାସ କରେଇବା

**128.** ବ୍ୟାକରଣଗତ ନିର୍ଦ୍ଦେଶାବଳୀ ସ୍ୱାଭାବିକ ଭାବେ ଆସିଯାଇଥାଏ ଯେତେବେଳେ

(1) ଶିକ୍ଷକ ବାରମ୍ବାର କିନ୍ତୁ ସଂକ୍ଷିପ୍ତ ବ୍ୟାକରଣ କ୍ଲାସ ପରିଚାଳନା କରନ୍ତି

(2) ଲେଖିଲାବେଳେ ବା କଥାବାର୍ତ୍ତାବେଳେ ଛାତ୍ରଛାତ୍ରୀ ନିଜ ତ୍ରୁଟିକୁ ମିଳାଇଥାନ୍ତି ଓ ସଂଶୋଧନ କରିଥାନ୍ତି

(3) କେତେକ ନିର୍ଦ୍ଦିଷ୍ଟ ଅପଚଂଚ କୌଶଳ ବିଷୟରେ ଶିକ୍ଷକ ପଢ଼ାଇଥାନ୍ତି

(4) ସାଧାରଣ ଲିଖନ ବା କଥନ ପୂର୍ବରୁ ଯେତେବେଳେ ବ୍ୟାକରଣ ଅଭ୍ୟାସ ପାଇଁ ଅଧିକ ସମୟ ନେଇଥାନ୍ତି

**129.** ପ୍ରଶିକ୍ଷଣ ଶୈଳୀର ବିଚାର କଲାବେଳେ ଭାଷା ପରିଚାଳନାଜନିତ ସମସ୍ୟାର ଦୂରୀକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇଥାଏ। ପ୍ରଶିକ୍ଷଣ ଶୈଳୀର ଏକ ଉଦାହରଣ ହେଉଛି

(1) ନିର୍ଦ୍ଧାରିତ

(2) ଉଚ୍ଚସ୍ୱର

(3) ନୀରବ

(4) ଛାପାଜନିତ

**130.** 'ଉଦ୍ଭିଦ' ବିଷୟରେ ପାଠଟି ନିର୍ଦ୍ଧାରିତ ହୋଇଛି। ଶିକ୍ଷକ ପ୍ରଶ୍ନ ପଚାରୁଛନ୍ତି ଏବଂ ଛାତ୍ରଛାତ୍ରୀ ସେଗୁଡ଼ିକୁ ଗ୍ରହଣ କରୁଛନ୍ତି। ଏହାପରେ ଶିକ୍ଷକ ସେମାନଙ୍କୁ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରି ଏକ ଲଙ୍କାଗଛ ଚିତ୍ର ଆଙ୍କିବା ପାଇଁ କହିଛନ୍ତି। ତାପରେ, ପ୍ରତ୍ୟେକ ଗ୍ରୁପରୁ ଜଣେ ଜଣେ ପ୍ରତିନିଧି ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି ଏବଂ ଅଙ୍କନ ବିଷୟରେ ବୁଝାଇଛନ୍ତି। ବିଦ୍ୟାର୍ଥୀଗଣ

(1) ଉଦ୍ଭିଦର ଚିତ୍ର ଅଙ୍କନ କରି ଏବଂ ତା'ର ବିଭିନ୍ନ ଅଂଶର ନାମ ଲେଖି ଉଦ୍ଭିଦ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି

(2) କାର୍ଯ୍ୟଧାରା/ବସ୍ତୁଟିକୁ ବୁଝାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଭାଷା ବ୍ୟବହାର କରନ୍ତି

(3) କେବଳ (1)

(4) (1) ଏବଂ (2)

**131.** ବୁଝିଲାବେଳେ କବିତାପାଠଟି କୌଣସି ବିଷୟପାଠ ଠାରୁ ଅଲଗା ବାରି ହୋଇଯାଇଥାଏ କାରଣ ଛାତ୍ରଛାତ୍ରୀଗଣ ନିମ୍ନୋକ୍ତ ବିଷୟ ପ୍ରକାଶ କରିଥାନ୍ତି

(1) ଶୈଳୀର ଅଧିକ ପସନ୍ଦ ଏବଂ କବିଙ୍କ ସାରବତ୍ତାର ମୂଲ୍ୟାୟନ

(2) ଅଧିକ ବୈଦ୍ଧିକ ବ୍ୟାଖ୍ୟାନ

(3) ବିଷୟର ତଥ୍ୟାତ୍ମକ ବ୍ୟାଖ୍ୟାବେଳେ ଆବେଗ କାମ ଦେଇଥାଏ

(4) ଆବେଗିକ ଆହ୍ୱାନ, ଅଧିକ ବୌଦ୍ଧିକ ବ୍ୟାଖ୍ୟାନ ବିଷୟଟିକୁ ଅନୁଶୀଳନ ଦିଗରେ ଆଗେଇ ନେଇଥାଏ

**132.** ଏକ ପ୍ରବନ୍ଧର ମୂଲ୍ୟାୟନ କଲାବେଳେ, ଗୋଟିଏ କ୍ଷୁଦ୍ର ଅଂଶରେ ପ୍ରଦତ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯାହା ପୁନରାବୃତ୍ତି ବିନା ପ୍ରଦର୍ଶିତ ହେବାକୁ ଥାଏ, ସେଗୁଡ଼ିକ —— ରେ ଦେଖିବାକୁ ମିଳେ

(1) ଉପକ୍ରମ

(2) ଉପସଂହାର

(3) ଦ୍ୱିତୀୟ ପରିଚ୍ଛେଦ

(4) ମଝି

**133.** ଉଚ୍ଚାରଣ ସମୟରେ କ୍ଲାସରୁମ୍‌ରେ ପ୍ରଯୁକ୍ତି ବିଜ୍ଞାନ ଲକ୍ଷ୍ୟ– ଭାଷାକୁ ଉତ୍ସାହିତ କରିଥାଏ। କେଉଁଟି ଉତ୍ତମ ଉଦାହରଣ ନୁହେଁ ?

(1) ପଡ (ଆଇପଡ)ରେ ରେକର୍ଡିଙ୍ଗ କରିବା ଓ ଶ୍ରବଣ କରିବା

(2) ପାୱାରପଏଣ୍ଟ ପ୍ରେଜେଣ୍ଟେସନ ସମୟରେ ବ୍ୟାଖ୍ୟା କରିବା

(3) ଧଳା ବୋର୍ଡର ବ୍ୟବହାର କରିବା

(4) ଭୂମିକା ନିର୍ବାହ କରିବା

**134.** ଗୋଟିଏ କ୍ଲାସ୍‌ରେ ଅଧିକାଂଶ ବିଦ୍ୟାର୍ଥୀ ନିଜ ନିଜ ମାତୃଭାଷାରେ କଥାବାର୍ତ୍ତା କରନ୍ତି, ଏକ ବିଦେଶୀ ଭାଷା ପ୍ରଶିକ୍ଷଣ କ୍ଲାସରେ ଏଇଟି ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାଷା ଶିକ୍ଷକଙ୍କ ପାଇଁ, ସେମାନେ ଜାଣିଥାନ୍ତି ଯେ ଛାତ୍ରଛାତ୍ରୀ

(1) ନୂଆ ଭାଷା ଶିକ୍ଷଣ କୌଶଳର ଉନ୍ନତି ପାଇଁ ମାତୃଭାଷାର ଆବୃତ୍ତିଠାରୁ ଦୂରରେ ରହିଥାନ୍ତି

(2) ଲକ୍ଷ୍ୟଭାଷା ଶିକ୍ଷା ଆଦୌ ସମ୍ଭବ ନୁହେଁ

(3) ଭାବବିନିମୟ ମାଧ୍ୟମରେ ନୂତନ ଭାଷା ସାଙ୍ଗରେ ପାଠ୍ୟ ଖସଡ଼ାଭୁକ୍ତ ବିଷୟକୁ ଅଧ୍ୟୟନ କରିଥାନ୍ତି

(4) ଅଲଗା କ୍ଲାସ୍‌ର ଅପେକ୍ଷା ରଖନ୍ତି

**135.** ଲେଖିଲାବେଳେ ଭାଷାଜ୍ଞାନ ଅଭାବରୁ ଜଣେ ବିଦ୍ୟାର୍ଥୀ ନିଜର ମନୋଭାବକୁ ପ୍ରକାଶ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଏହାର ସମ୍ଭାବ୍ୟ ସମାଧାନଟି ହେଉଛି

(1) ଶବ୍ଦ ଲିଖନ ଏବଂ ଅଭ୍ୟାସ ପ୍ରବୃତ୍ତିକୁ ଜାରି ରଖିବା ପାଇଁ ସମୟ ସମୟରେ ସ୍ୱତନ୍ତ୍ର କ୍ଲାସ୍‌ରୁମ୍‌ରେ ଅଭ୍ୟାସ କରାଇବା

(2) ବିଦ୍ୟାର୍ଥୀକୁ ଅଧିକ ଗଳ୍ପବହି ପାଠ ପାଇଁ ପ୍ରବର୍ତ୍ତାଇବା ଏବଂ ଶିକ୍ଷକ ନୂଆ ଶବ୍ଦ ପାଇଲାବେଳେ ଅନୌପଚାରିକ ଫିଡ୍‌ବ୍ୟାକ୍‌ର ସାହାରା ନେବା

(3) ବିଦ୍ୟାର୍ଥୀର ଜ୍ଞାନକୁ ସୁହାଇଲାଭଳି ବିଷୟଟିକୁ ବଦଳାଇ ଦେବା

(4) ପଢ଼ିବାକୁ ଏବଂ ବ୍ୟବହାର କରିବାକୁ ଅର୍ଥଯୁକ୍ତ ଏକ ଶବ୍ଦ ତାଲିକା ପ୍ରଦାନ କରିବା

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପଢ଼। **136** ରୁ **144** ମଧ୍ୟରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଚାରୋଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ବର୍ତ୍ତମାନ ଅତ୍ୟନ୍ତ ଜନପ୍ରିୟ ତଥା ବହୁଳଭାବେ ସୌଖୀନ ଖାଦ୍ୟ ତାଲିକାର ଅନ୍ତର୍ଭୁକ୍ତ ହେଲା ବ୍ରେଡ୍, କେକ୍, ବିସ୍କୁଟ, ଆଇସ୍‌କ୍ରିମ୍, ନୁଡୁଲସ୍, ଚକୋଲେଟ, ନାନା ପ୍ରକାର ମୃଦୁ ପାନୀୟ ଇତ୍ୟାଦି। ଭାତ, ରୁଟି, ମୁଢ଼ି ବା ଚୁଡ଼ା ଭଳି ଏଥିରେ ଖାଦ୍ୟତନ୍ତୁ ନଥାଏ। ଆଗେ ଏହି ଉପାଦାନଟି ସ୍ୱାସ୍ଥ୍ୟ ଓ ପୁଷ୍ଟି ପାଇଁ ଅନାବଶ୍ୟକ ବୋଲି ମନେ କରାଯାଉଥିଲା। ଏବେ ସେ ଭ୍ରମାତ୍ମକ ଧାରଣା ଦୂର ହେଲାଣି। କାରଣ, ଝାଡ଼ା ପରିଷ୍କାରଠାରୁ ଆରମ୍ଭ କରି ମଳଦ୍ୱାର କର୍କଟ ରୋଗ, ମଧୁମେହ ଆଦି ପର୍ଯ୍ୟନ୍ତ ବହୁ ଦୁରାରୋଗ୍ୟ ବ୍ୟାଧିର ଏହା ପ୍ରତିହତ କରୁଥିବାର ପ୍ରମାଣ ମିଳି ସାରିଲାଣି। ଅତଏବ ପୁଷ୍ଟିବିଜ୍ଞାନୀମାନେ ତନ୍ତୁକୁ ଖାଦ୍ୟର ଏକ ଅତ୍ୟାବଶ୍ୟକ ଉପାଦାନ ରୂପେ ଗ୍ରହଣ କଲେଣି। ସୌଖୀନ ଖାଦ୍ୟଗୁଡ଼ିକରେ ଏହା ନ ଥିବାରୁ ଏହି ରୋଗଗୁଡ଼ିକର ସମ୍ଭାବନା ବୃଦ୍ଧି ହେଉଛି।

ଆଲୁମିନିୟମ ବିଷାକ୍ତକରଣ ଏବେ ସାରା ଦୁନିଆରେ ଏକ ମହାନ୍ ସ୍ୱାସ୍ଥ୍ୟଜନିତ ସମସ୍ୟାରୂପେ ମୁଣ୍ଡ ଟେକିଛି। ବେକେରୀ ପ୍ରସ୍ତୁତ ତଥା ପରିମାର୍ଜିତ ଖାଦ୍ୟରେ ଏହା ଅଧିକ ମାତ୍ରାରେ ଥାଏ। କାରଣ ତାହାକୁ ଉପଯୁକ୍ତ ରୂପ ଓ ଗୁଣ ବିଶିଷ୍ଟ କରିବା ପାଇଁ ପ୍ରସ୍ତୁତ କାଳରେ ତହିଁରେ 'ସୋଡ଼ିୟମ ଆଲୁମିନିୟମ ସଲଫେଟ' (Sodium Alluminium Sulphate), 'ସୋଡ଼ିୟମ ଆଲୁମିନେଟ୍' (Sodium Alluminate), 'ଆଲୁମିନିୟମ ସିଲିକେଟ୍' (Alluminium Silicate) ଆଦି ମିଶାଇବାକୁ ପଡ଼େ। ପୁନଶ୍ଚ, ଏହାକୁ ଆଲୁମିନିୟମ୍ ଜରି କିମ୍ବା ଆଲୁମିନିୟମ୍ ଥିବା କାଗଜ, ସେଲୋଫେନ୍ ଆଦିରେ ଗୁଡ଼ାଇ ରଖାଯାଏ। ତହିଁରୁ ମଧ୍ୟ ଏ ବିଷାକ୍ତ ଧାତୁଟି ଖାଦ୍ୟ ମଧ୍ୟକୁ ପ୍ରବେଶ କରେ। ବିଭିନ୍ନ ପ୍ରକାର ହାଡ଼ଜନିତ ରୋଗ, ମାନସିକ ଓ ସ୍ନାୟବିକ ବ୍ୟାଧି ସହିତ ଏହି ପଦାର୍ଥଟିର ପ୍ରତ୍ୟକ୍ଷ ସମ୍ପର୍କ ଥିବାର ଏବେ ପ୍ରମାଣିତ ହୋଇସାରିଲାଣି। ସେଥିପାଇଁ ଅନେକ କିସମର ଖାଦ୍ୟକୁ, ବିଶେଷକରି ଅମ୍ଳଯୁକ୍ତ ଖାଦ୍ୟକୁ, ଆଲୁମିନିୟମ୍ ବାସନରେ ନ ରାନ୍ଧିବା ପାଇଁ ମଧ୍ୟ ବୈଜ୍ଞାନିକମାନେ ମତ ଦେଲେଣି।

ଅନେକ ସମୟରେ ବ୍ରେଡ୍, କେକ୍, ବିସ୍କୁଟ, ଆଦିକୁ ପ୍ଲାଷ୍ଟିକ ଜରି ବା ଖବରକାଗଜରେ ଗୁଡ଼ାଇ ବିକ୍ରି କରାଯାଏ। ଏଥିରେ ଅଧିକ ମାତ୍ରାରେ କ୍ରୋମିୟମ୍ ଓ ସୀସା ଥାଏ। ଅତଏବ ଏ ଖାଦ୍ୟରେ ମଧ୍ୟ ସେହି ବିଷାକ୍ତ ପଦାର୍ଥର ଅନୁପ୍ରବେଶ ଘଟେ। ଏହା ହାଡ଼ ଓ

ବୃକକ୍କୁ କ୍ଷତି ପହଞ୍ଚାଇବା ସଙ୍ଗେ ସଙ୍ଗେ ପୁରୁଷମାନଙ୍କର ପୌରୁଷହାନୀ, ନାରୀମାନଙ୍କ ଋତୁସ୍ରାବରେ ଅନିୟମିତତା ଆଦି ସମସ୍ୟା ସୃଷ୍ଟି କରିଥାଏ। କ୍ରୋମିୟମ୍ (ଛ' ମାନ୍ୟତାଯୁକ୍ତ)ର କର୍କଟରୋଗକାରୀ ଗୁଣ ମଧ୍ୟ ଥିବାର କୁହାଯାଉଛି।

**136.** ସୌଖୀନ ଖାଦ୍ୟରେ କ'ଣ ନଥାଏ ?

(1) ଖାଦ୍ୟତନ୍ତୁ

(2) ଭିଟାମିନ୍

(3) ସୋଡ଼ିୟମ୍

(4) ହଜମ ଶକ୍ତି

**137.** ଖାଦ୍ୟର ଏକ ଅତ୍ୟାବଶ୍ୟକ ଉପାଦାନ କ'ଣ ?

(1) ସୋଡ଼ିୟମ୍

(2) ରକ୍ତକାରକ ଶକ୍ତି

(3) ତନ୍ତୁ

(4) ଆଲୁମିନିୟମ

**138.** କେଉଁଥି ପାଇଁ ସ୍ୱାସ୍ଥ୍ୟଜନିତ ସମସ୍ୟା ଏବେ ମୁଣ୍ଡ ଟେକିଛି ?

(1) ମୃଦୁପାନୀୟ ପାଇଁ

(2) ଅମ୍ଳଯୁକ୍ତ ଖାଦ୍ୟ ପାଇଁ

(3) ଆଲୁମିନିୟମ ଜରି ପାଇଁ

(4) ଆଲୁମିୟମ ବିଷାକ୍ତକରଣ ପାଇଁ

**139.** କାହାର କର୍କଟ ରୋଗକାରୀ ଗୁଣ ଅଛି ବୋଲି କୁହାଯାଇଛି ?

(1) କ୍ରୋମିୟମର

(2) ମଧୁମେହର

(3) ଆଲୁମିନିୟମ ବାସନର

(4) ପ୍ଲାଷ୍ଟିକ ଜରିର

**140.** ବିଶେଷକରି କେଉଁ ଖାଦ୍ୟକୁ ଆଲୁମିନିୟମ ବାସନରେ ରାନ୍ଧିବା ଉଚିତ୍ ନୁହେଁ ?

(1) ପୁଷ୍ଟିକର ଖାଦ୍ୟକୁ

(2) ସୌଖୀନ ଖାଦ୍ୟକୁ

(3) ଅମ୍ଳଯୁକ୍ତ ଖାଦ୍ୟକୁ

(4) ବିଷାକ୍ତ ଖାଦ୍ୟକୁ

**141.** ପ୍ଲାଷ୍ଟିକ୍ ଜରି ଓ ଖବର କାଗଜରେ କ'ଣ ଥାଏ ?

(1) କ୍ରୋମିୟମ ଓ ସୀସା

(2) ତନ୍ତୁ

(3) ଖାଦ୍ୟଗୁଣ

(4) ଆମ୍ଳଜାନ

**142.** ଖାଦ୍ୟତତ୍ତ୍ୱକୁ ଆଗେ କେଉଁଥି ପାଇଁ ଅନାବଶ୍ୟକ ମନେ କରାଯାଉଥିଲା ?

(1) ସ୍ୱାସ୍ଥ୍ୟ ଓ ପୁଷ୍ଟି ପାଇଁ

(2) ରୋଗ ନିବାରଣ ପାଇଁ

(3) ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ

(4) ଖାଦ୍ୟ ବିଷାକ୍ତ ନ ହେବା ପାଇଁ

**143.** 'ସୌଖୀନ ଖାଦ୍ୟ'—ଏଠାରେ 'ଖାଦ୍ୟ'ଟି କେଉଁ ପଦ ?

(1) ସର୍ବନାମ

(2) ବିଶେଷଣ

(3) ବିଶେଷ୍ୟ

(4) କ୍ରିୟା

**144.** 'ବୃକକ୍'କୁ ଇଂରାଜୀରେ କ'ଣ କୁହନ୍ତି ?

(1) ଲିଭର୍ (Liver)

(2) ହାର୍ଟ (Heart)

(3) ୟୁରିନାରି ବ୍ଲାଡର (Urinary blader)

(4) କିଡ୍‌ନି (Kidney)

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପଢ଼ ଏବଂ ଦିଆଯାଇଥିବା ପ୍ରଶ୍ନ **(145 ରୁ 150)** ଗୁଡ଼ିକର ଚାରୋଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ଗଲାବର୍ଷ ରାଜାଜୀ ଭାରତୀୟ ବିଦ୍ୟାଭବନରେ ଭାରତୀୟ ସଂସ୍କୃତି ବିଷୟରେ ତିନୋଟି ଭାଷଣ ଦେଇଥିଲେ। ତାଙ୍କ ପ୍ରଥମ ଭାଷଣରେ ସେ ଭାରତୀୟ ସଂସ୍କୃତିକୁ 'ଆତ୍ମ ସଂଯମର ସଫଳ ଅଭ୍ୟାସ' ବୋଲି ଆଖ୍ୟା ଦେଇଥିଲେ। ତାଙ୍କ ମତରେ କାୟ, ମନ, ବାକ୍ୟ ସର୍ବତ୍ର ସଂଯମ ହିଁ ତପସ୍ୟା ଓ ସେହି ତପସ୍ୟା ହିଁ ଭାରତର ସଂସ୍କୃତି। ସତ୍ୟ, ସଂଯମ ଓ ସାଧୁତା ହିଁ ଏହି ସଂସ୍କୃତିର ଲକ୍ଷଣ। ତାଙ୍କ ଦ୍ୱିତୀୟ ଭାଷଣରେ ଆମ ପରିବାର ଓ ସମାଜକୁ ଆମ ସଂସ୍କୃତି ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ। ଆମ ଏକାନ୍ନବର୍ତ୍ତୀ ପରିବାରକୁ ସେ ଆମ ସଂସ୍କୃତିର ଏକ ବୈଶିଷ୍ଟ୍ୟ ବୋଲି କହିଥିଲେ। ଯେଉଁ ଜାତି; ଜାତିଆଣ ଭାବ, ଜାତିପ୍ରୀତି କିମ୍ବା ପ୍ରିୟାପ୍ରୀତି–ତୋଷଣକୁ ଆଜି ନାନା ଭାବରେ ସମାଲୋଚନା କରାଯାଉଛି ତାକୁ ସେ ଏକପ୍ରକାର ଜନମଙ୍ଗଳ ସମାଜବାଦର ଅନ୍ୟରୂପ ବୋଲି ବର୍ଣ୍ଣନା କରିଥିଲେ। ଅବଶ୍ୟ ଆମର ଯାହା ଚାଲିଛି ଓ ସେ ଯେଉଁ ଆଦର୍ଶ ଦୃଷ୍ଟିକୋଣରୁ ତାକୁ ବିଚାର କରିଥିଲେ ସେ ଦୁଇ କଥାକୁ କେହି ଏକ ବୋଲି ଭାବିବା ଉଚିତ ନୁହେଁ। ତାଙ୍କ ତୃତୀୟ ଭାଷଣରେ ଭାରତୀୟ ଜୀବନର ପ୍ରତ୍ୟେକ ବିଭାଗରେ ଆଧ୍ୟାତ୍ମିକତାର ପ୍ରାଧାନ୍ୟ ଦେଖାଇବା ପାଇଁ ସେ ଚେଷ୍ଟା କରିଥିଲେ। ଆମ ଲୋକଙ୍କର 'ସକଳ ଦେହେ ନାରାୟଣ' ଭାବନା, ନିରାମିଷ ଭୋଜନ, ସନ୍ନ୍ୟାସ, ଦାନ, ଧର୍ମ ଓ ଯଜ୍ଞ; ଏସବୁର ଏକମାତ୍ର କାରଣ ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ବୋଲି ସେ କହିଥିଲେ। ଆମ ବାହାଘର ହାତଗଣ୍ଠି ନୁହେଁ, ହୃଦୟର ଗଣ୍ଠି। ଏଥିରେ ପାଞ୍ଚଦିନିଆ ପ୍ରେମ ପରେ ଗୋଇଠାମାଡ଼ କିମ୍ବା ଛାଡ଼ପତ୍ର ନଥାଏ; ସ୍ୱାମୀର ମୃତ୍ୟୁପରେ ମଧ୍ୟ ତାହା ବୈଧବ୍ୟର ତପସ୍ୟାରେ ଉଜ୍ଜ୍ୱଳ ହୋଇଉଠେ। ଅନ୍ୟ ପତି ଅନ୍ୱେଷଣରେ ଅସ୍ତବ୍ୟସ୍ତ ହୁଏ ନାହିଁ। ଅତିଥି ଦେବତାର ସେବା ଭିକ୍ଷୁକର ଭିକ୍ଷାଥାଳରେ ଅନ୍ନଦାନ ପ୍ରଭୃତି ଯାବତୀୟ ଉଦାରତା ମୂଳରେ ଥାଏ ସେହି କର୍ମଫଳର ବିଶ୍ୱାସ।

ରାଜାଜୀ କହିଛନ୍ତି ତଥାକଥିତ ଆଧୁନିକ ସଭ୍ୟତାର ପ୍ରଭାବରେ ଆମ ସଂସ୍କୃତିର ଅନେକ ମୂଲ୍ୟବୋଧରେ ପରିବର୍ତ୍ତନର ସୂଚନା ଥିଲେ ମଧ୍ୟ ସେସବୁ ପରିବର୍ତ୍ତନ ସମୟ–ସ୍ରୋତରେ ପୁଣି ଲିଭିଯିବ। ଏ ସଂସ୍କୃତି ଚିରନ୍ତନ। ଏହା ନଷ୍ଟହେବା ପୂର୍ବରୁ କେହି ନା କେହି ଜଣେ ମହାପୁରୁଷ ଆସି ପୁଣି ଏହାକୁ ନୂଆକରି ଦେଇଯିବେ। ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଏହି ପୁସ୍ତକର ଏକ ମୁଖବନ୍ଧ ଲେଖି, ସେଥିରେ

କହିଛନ୍ତି—ଏହି ଦେଶର ଲୋକେ ଆଗେ ଯେମିତି 'ସାହେବ' ହେବାପାଇଁ ପାଗଳ ପରି ଦଉଡୁଥିଲେ ସେ ଦଉଡ଼ ମଝିରେ ବନ୍ଦହୋଇ ଯାଇଥିଲା; କିନ୍ତୁ ଏବେ ପୁଣି ଆମ ସଂସ୍କୃତି ଓ ଆମ ମୂଲ୍ୟବୋଧ ଏକ ନୂତନ ପରୀକ୍ଷାର ସମ୍ମୁଖୀନ ହୋଇଛି। ରାଜାଜୀ କହନ୍ତି, ଯାହା ହେଲେ ମଧ୍ୟ ଆମ ସଂସ୍କୃତି ଓ ଆମ ମୂଲ୍ୟବୋଧରେ ଆଧ୍ୟାତ୍ମିକତାର ପ୍ରଭାବ ଅଧିକ ରହିବ ନିଶ୍ଚୟ।

**145.** ରାଜାଜୀ କେଉଁ ବିଷୟରେ ତିନୋଟି ଭାଷଣ ଦେଇଥିଲେ ?

(1) ମୂଲ୍ୟବୋଧ ବିଷୟରେ

(2) ଆତ୍ମସଂଯମ ବିଷୟରେ

(3) ଭାରତୀୟ ସଂସ୍କୃତି ବିଷୟରେ

(4) ଜାତିଆଣ ବିଷୟରେ

**146.** ଆମ ସଂସ୍କୃତିର ବୈଶିଷ୍ଟ୍ୟ କ'ଣ ?

(1) ସମାଜବାଦ

(2) ଏକାନ୍ନବର୍ତ୍ତୀ ପରିବାର

(3) ତପସ୍ୟା

(4) ସାଧୁତା

**147.** ପ୍ରତ୍ୟେକ ଉଦାହରଣ ମୂଳରେ କ'ଣ ଥାଏ ?

(1) ଚିରନ୍ତନ ମୂଲ୍ୟବୋଧ

(2) ଆଧ୍ୟାତ୍ମିକତା

(3) କର୍ମଫଳର ବିଶ୍ୱାସ

(4) ଜନମଙ୍ଗଳ

**148.** ଭାରତୀୟ ଜୀବନର ପ୍ରତ୍ୟେକ ବିଭାଗରେ କ'ଣ ଥାଏ ?

(1) ଆଧ୍ୟାତ୍ମିକତା

(2) ସକଳ ଦେବେ ନାରାୟଣ

(3) ପୁନର୍ଜନ୍ମ ଭାବ

(4) ସଂଯମତା

**149.** ସମୟ-ସ୍ରୋତରେ କ'ଣ ଲିଭିଯିବ ?

(1) ଆଧ୍ୟାତ୍ମିକତା

(2) ପରିବର୍ତ୍ତିତ ସଂସ୍କୃତି

(3) ପ୍ରାଚୀନ ମୂଲ୍ୟବୋଧ

(4) କର୍ମଫଳ ବିଶ୍ୱାସ

**150.** ଆମ ସଂସ୍କୃତି ଏବଂ ମୂଲ୍ୟବୋଧରେ କାହାର ପ୍ରଭାବ ଅଧିକ ରହିବ ?

(1) ଜାତିପ୍ରୀତିର ପ୍ରଭାବ

(2) ପରିବର୍ତ୍ତନର ପ୍ରଭାବ

(3) ତପସ୍ୟାର ପ୍ରଭାବ

(4) ଆଧ୍ୟାତ୍ମିକତାର ପ୍ରଭାବ

SPACE FOR ROUGH WORK

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :*

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା–2 ରେ **ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

2. ଉତ୍ତର ଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍ ନମ୍ବର ଲେଖାଯିବ ନାହିଁ ।

3. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ଯତ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳା ଯାଇପାରିବ ନାହିଁ ।

4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତର ଖାତାର କ୍ର. ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।

6. ପରୀକ୍ଷକ ଚାହିଁବା ମାତ୍ରରେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।

7. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ ।

9. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

10. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସି.ବି.ଏସ୍.ଇ.ର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତର ପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ୍ କରାଯାଇପାରିବ ନାହିଁ ।

12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

**READ THE FOLLOWING INSTRUCTIONS CAREFULLY :**

1. Out of the four alternatives for each question, only one circle for the correct answer is to be darkened completely with Blue/Black Ballpoint Pen on **Side-2** of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
6. Each candidate must show on demand his/her Admit Card to the Invigilator.
7. No candidate, without special permission of the Superintendent or Invigilator, should leave his/her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet a second time will be deemed not to have handed over the Answer Sheet and dealt with as an unfair means case.
9. Use of Electronic/Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room/Hall. *The candidates are allowed to take away this Test Booklet with them.***

**निम्नलिखित निर्देशों को ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर-पत्र के **पृष्ठ-2** पर केवल एक वृत्त को ही पूरी तरह नीले/काले बॉलपॉइंट पेन से भरें। एक बार उत्तर अंकित करने के बाद उसे बदला नहीं जा सकता है।
2. परीक्षार्थी सुनिश्चित करें कि इस उत्तर-पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
3. परीक्षा पुस्तिका एवं उत्तर-पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर-पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
4. परीक्षा पुस्तिका/उत्तर-पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाजिरी-पत्र में लिखें।
5. परीक्षार्थी द्वारा परीक्षा हॉल/कक्ष में प्रवेश-कार्ड के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
8. कार्यरत निरीक्षक को अपना उत्तर-पत्र दिए बिना एवं हाजिरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे। यदि किसी परीक्षार्थी ने दूसरी बार हाजिरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर-पत्र नहीं लौटाया है और यह अनुचित साधन का मामला माना जाएगा।
9. इलेक्ट्रॉनिक/हस्तचालित परिकलक का उपयोग वर्जित है।
10. परीक्षा हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा।
11. किसी हालत में परीक्षा पुस्तिका और उत्तर-पत्र का कोई भाग अलग न करें।
12. परीक्षा सम्पन्न होने पर, परीक्षार्थी कक्ष/हॉल छोड़ने से पूर्व उत्तर-पत्र निरीक्षक को अवश्य सौंप दें। *परीक्षार्थी अपने साथ इस परीक्षा पुस्तिका को ले जा सकते हैं।*